Prime Minister's Office

# PM's remarks on the situation in India-China Border areas

Entry date:  17 JUN 2020 3:35PM by PIB Delhi

---

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ

# ଭାରତ-ଚୀନ୍ ସୀମାନ୍ତ ଅଞ୍ଚଳରେ ପରିସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଟିପ୍ପଣୀ

ଏଣ୍ଟ୍ରୀ ତାରିଖ:17 ଜୁନ୍ 2020 3:35PM PIB ଦିଲ୍ଲୀ

ମୋ ପ୍ରିୟ ଦେଶବାସୀମାନେ,

ଭାରତ ମାତାଙ୍କ ବୀର ସନ୍ତାନମାନେ ଗାଲୱାନ୍ ଘାଟିରେ ଆମ ମାତୃଭୂମିର ସୁରକ୍ଷା କରୁଥିବାବେଳେ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି।

ଦେଶର ସେବାରେ ଏହି ମହାନ୍ ବଳିଦାନ ପାଇଁ ମୁଁ ସେମାନଙ୍କ ନିମନ୍ତେ ନତମସ୍ତକ ହୋଇ ମୋ ହୃଦୟରୁ ଶ୍ରଦ୍ଧାଞ୍ଜଳି ଦେଉଛି।

ଦୁଃଖର ଏହି କଠିନ ସମୟରେ ମୁଁ ଆମର ବୀର ସହୀଦମାନଙ୍କ ପରିବାର ପ୍ରତି ସମ୍ବେଦନା ବ୍ୟକ୍ତ କରୁଛି।

ଆଜି, ସମଗ୍ର ଦେଶ ଆପଣମାନଙ୍କ ସହିତ ଅଛି, ଦେଶର ଭାବନା ଆପଣମାନଙ୍କ ସହିତ ଅଛି।

ଆମ ବୀରମାନଙ୍କର ଏହି ବଳିଦାନ ବ୍ୟର୍ଥ ଯିବନାହିଁ।

ସ୍ଥିତି ଯାହା ହେଉନା କାହିଁକି, ପରିସ୍ଥିତି ଯାହା ହେଉନା କାହିଁକି, ଭାରତ ଦେଶର ଆତ୍ମ-ସମ୍ମାନ ଓ ପ୍ରତ୍ୟେକ ଇଞ୍ଚ ଭୂମିକୁ ଦୃଢ଼ ଭାବରେ ରକ୍ଷା କରିବ।

ଭାରତ ହେଉଛି ସାଂସ୍କୃତିକ ଭାବେ ଏକ ଶାନ୍ତିପ୍ରିୟ ଦେଶ। ଆମର ଇତିହାସ ଶାନ୍ତିର ରହିଆସିଛି।

ଭାରତର ବୈଚାରିକ ମନ୍ତ୍ର ହେଉଛି-: ସମସ୍ତଃ ସୁଖିନୋ ଭବନ୍ତୁ

ପ୍ରତ୍ୟେକ ଯୁଗରେ, ଆମେ ସମଗ୍ର ମାନବତା ପାଇଁ ଶାନ୍ତି ଓ କଲ୍ୟାଣର କାମନା କରିଆସିଛୁ।

ଆମେ ସର୍ବଦା ଆମର ପଡ଼ୋଶୀଙ୍କ ସହିତ ସହଯୋଗାତ୍ମକ ଓ ବନ୍ଧୁତ୍ୱପୂର୍ଣ୍ଣ ଶୈଳୀରେ କାମ କରିଛୁ। ସର୍ବଦା ସେମାନଙ୍କର ବିକାଶ ଓ କଲ୍ୟାଣ ପାଇଁ କାମନା କରିଛୁ।

ଯେଉଁଠାରେ ବି ଆମର ମତଭେଦ ରହିଛି, ଆମେ ସର୍ବଦା ଏହା ଚେଷ୍ଟା କରିଛୁ ଯେ, ମତଭେଦ ବିବାଦ ନ ହେଉ, ମତଭେଦ ବିବାଦରେ ନ ବଦଳୁ।

ଆମେ କେବେବି କାହାକୁ ଉତ୍ତେଜିତ କରୁନାହୁଁ, କିନ୍ତୁ ଆମ ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ସହିତ କୌଣସି ସାଲିସ୍ ମଧ୍ୟ କରୁନାହୁଁ।

ଯେବେବି ସମୟ ଆସିଛି, ଆମେ ଦେଶର ଅଖଣ୍ଡତାଓ ସାର୍ବଭୌମତ୍ୱର ରକ୍ଷା କରିବାରେ ଆମର ସାମର୍ଥ୍ୟତାକୁ ପ୍ରମାଣିତ କରି ନିଜ ଶକ୍ତିର ପ୍ରଦର୍ଶନ କରିଛୁ।

ତ୍ୟାଗ ଓ ଶିକ୍ଷା ଆମ ଜାତୀୟ ଚରିତ୍ରର ଅଂଶ ଅଟେ, କିନ୍ତୁ ସମାନ ସମୟରେ ପରାକ୍ରମ ଓ ବୀରତା ସମଭାବରେ ଆମ ଦେଶର ଚରିତ୍ରର ଅଂଶ ଅଟେ।

ମୁଁ ସମଗ୍ର ଦେଶକୁ ଆଶ୍ୱାସନା ଦେବାକୁ ଚାହୁଁଛି ଯେ, ଆମ ବୀର ସୈନିକମାନଙ୍କର ବଳିଦାନ ବ୍ୟର୍ଥ ଯିବନାହିଁ।

ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱ ଆମ ପାଇଁ ସର୍ବୋଚ୍ଚ ଏବଂ ଏହାକୁ ରକ୍ଷା କରିବାରୁ ଆମକୁ କେହି ରୋକିପାରିବେ ନାହିଁ।

ଏହି ବିଷୟକୁ ନେଇ କାହାର କୌଣସି ଦ୍ୱନ୍ଦ୍ୱ କିମ୍ବା ସନ୍ଦେହ ରହିବା ଉଚିତ ନୁହେଁ।

ଭାରତ ଶାନ୍ତି ଚାହେଁ। କିନ୍ତୁ ଭାରତକୁ ଉସୁକେଇଲେ, ଏକ କଡ଼ା ଜବାବ ମଧ୍ୟ ଦିଆଯିବ।

ଆମ ସହୀଦ ସୈନିକମାନଙ୍କ ଦ୍ୱାରା କରାଯାଇଥିବା ବଳିଦାନକୁ ନେଇ ଆମ ଦେଶ ଗର୍ବିତ। ଆମର ବୀର ସୁପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଦୁଇ ମିନିଟ୍ ନୀରବ ରହିବା ନିମନ୍ତେ ମୁଁ ଆପଣ ସମସ୍ତଙ୍କୁ ଅନୁରୋଧ କରୁଛି।

*****

VRRK/VJ

(Release ID:1632065) Visitor Counter:175

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.